# NATIONAL NEWS BULLETIN (ODIA)

**10 September- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଭାରତ-ଆମେରିକା ବାଣିଜ୍ୟ ଆଲୋଚନା ସହଭାଗିତାର ସୁଦୃଢ଼ ସମ୍ଭାବନାକୁ ଉନ୍ମୁକ୍ତ କରିବ ବୋଲି କହିଲେ ପ୍ରଧାନମନ୍ତ୍ରୀ

- ନେପାଳ ଅରାଜକତାକୁ ଦୃଷ୍ଟିରେ ରଖି ପଶ୍ଚିମବଙ୍ଗ ସୀମାନ୍ତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

–ନେପାଳରେ ଆସନ୍ତାକାଲି ସକାଳ ୬ଟା ପର୍ଯ୍ୟନ୍ତ କର୍ଫ୍ୟୁ ବଳବତ୍ତର

- ଆତ୍ମହତ୍ୟା ପ୍ରବଣତାଠାରୁ ଲୋକଙ୍କୁ ଦୂରେଇ ରଖିବା ଲକ୍ଷ୍ୟ ନେଇ ଆଜି ପାଳନ କରାଯାଉଛି ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ

ଏବଂ

- ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଆଜି ଭାରତ ଓ ସଂଯୁକ୍ତ ଆରବ ଏମିରେଟସ୍ ମଧ୍ୟରେ ହେବ ମୁକାବିଲା

## ପିଏମ୍-ୟୁଏସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଭାରତ ଏବଂ ଆମେରିକା ପରସ୍ପରର ଘନିଷ୍ଠ ବନ୍ଧୁ ଏବଂ ସ୍ୱାଭାବିକ ଅଂଶୀଦାର । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଆଜି ପ୍ରଧାନମନ୍ତ୍ରୀ କହିଛନ୍ତି ଦୁଇ ରାଷ୍ଟ୍ର ମଧ୍ୟରେ ବାଣିଜ୍ୟ ଆଲୋଚନା ସହଭାଗିତାର ସୁଦୃଢ଼ ସମ୍ଭାବନାକୁ ଉନ୍ମୁକ୍ତ କରିବା ପାଇଁ ପଥ ପ୍ରଶସ୍ତ କରିବ । ଉଭୟ ଦେଶର ପ୍ରତିନିଧି ମଣ୍ଡଳୀ ଏହି ଆଲୋଚନାକୁ ଯଥାଶୀଘ୍ର ସମାପ୍ତ କରିବା

ଲାଗି କାର୍ଯ୍ୟ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଦ୍ୱିପାକ୍ଷିକ କଥାବାର୍ତ୍ତା ପାଇଁ ସେ ଅପେକ୍ଷା କରିଛନ୍ତି । ଉଭୟ ଦେଶର ନାଗରିକଙ୍କ ପାଇଁ ଏକ ଉଜ୍ଜ୍ୱଳ ତଥା ସମୃଦ୍ଧ ଭବିଷ୍ୟତକୁ ସୁରକ୍ଷିତ ରଖିବା ଲାଗି ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ ମିଳିତ ଭାବେ କାର୍ଯ୍ୟ କରିବାକୁ ପ୍ରଧାନମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି । ପୂର୍ବରୁ ଆମେରିକା ରାଷ୍ଟ୍ରପତି ଶ୍ରୀ ଟ୍ରମ୍ପ କହିଥିଲେ, ଦୁଇଦେଶ ମଧ୍ୟରେ ବାଣିଜ୍ୟ ପ୍ରତିବନ୍ଧକକୁ ଦୂର କରିବା ପାଇଁ ଆଲୋଚନା ଜାରି ରହିବ ।

---

## ଡବ୍ଲୁବି-ନେପାଳ

ନେପାଳରେ ଦେଖାଦେଇଥିବା ଅରାଜକତା ଯୋଗୁଁ ପଶ୍ଚିମବଙ୍ଗ ଓ ନେପାଳ ମଧ୍ୟରେ ଥିବା ସୀମାନ୍ତ ଉପରେ କଡ଼ା ନଜର ରଖାଯାଇଛି । ପଶ୍ଚିମବଙ୍ଗ ରାଜ୍ୟ ପୋଲିସ୍ ମହାନିର୍ଦ୍ଦେଶକ ରାଜୀବ କୁମାର ଇତିମଧ୍ୟରେ ନର୍ଥ ବେଙ୍ଗଲର ଆଇ.ଜି., ଦାର୍ଜିଲିଙ୍ଗ୍ ସମେତ ନେପାଳ ସୀମାନ୍ତ ଜିଲ୍ଲାର ଏସ୍.ପି.ମାନଙ୍କ ସହ ଆଲୋଚନା କରିଛନ୍ତି । ସଂପୃକ୍ତ ଅଞ୍ଚଳକୁ ତ୍ୱରିତ ସଶସ୍ତ୍ର ବାହିନୀ ସହ ଅତିରିକ୍ତ ପୋଲିସ୍ ବାହିନୀକୁ ସେଠାକୁ ପଠାଯାଇଛି । ଦାର୍ଜିଲିଙ୍ଗ୍ ଜିଲ୍ଲାର ପାଣିଟାଙ୍କି ସମେତ ନେପାଳର ସୀମାନ୍ତବର୍ତ୍ତୀ ଅଞ୍ଚଳ ଉପରେ ଗୁଇନ୍ଦା ପକ୍ଷରୁ ତୀକ୍ଷ୍ଣ ନଜର ରଖାଯାଇଛି । ସଶସ୍ତ୍ର ସୀମା ବଳ ମଧ୍ୟ ପଶ୍ଚିମବଙ୍ଗର ସମସ୍ତ ସୀମାନ୍ତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଦେଇଛି । ଉଲ୍ଲେଖଯୋଗ୍ୟ ଯେ ନେପାଳ ଓ ଭୁଟାନ

ସୀମାବର୍ତ୍ତୀ ଅଞ୍ଚଳକୁ ଅର୍ଦ୍ଧସାମରିକ ବାହିନୀ- ସୀମା ସୁରକ୍ଷା ବଳ ଜଗି ରହିଛି ।

## କାଠମାଣ୍ଡୁ-ପ୍ରୋହିବିଟେଡ୍ ଅର୍ଡର

ଜାତୀୟ ସୁରକ୍ଷା ଦାୟିତ୍ୱରେ ଥିବା ନେପାଳ ସେନା ଦେଶରେ ନିଷେଧାଜ୍ଞାକୁ ଆଜି ଅପରାହ୍ଣ ୫ଟା ପର୍ଯ୍ୟନ୍ତ ବଳବତ୍ତର ରଖିଥିବା ବେଳେ ଆସନ୍ତାକାଲି ସକାଳ ୬ଟା ଯାଏଁ ଦେଶବ୍ୟାପୀ କର୍ଫ୍ୟୁକୁ ବଢ଼ାଇ ଦେଇଛି । ବିକ୍ଷୋଭକାରୀମାନେ ନିଆଁ ଲଗାଇବା, ଲୁଟ୍ କରିବା, ସମ୍ପତ୍ତି ନଷ୍ଟ କରିବା ଆଦି ହିଂସାତ୍ମକ କାର୍ଯ୍ୟ କରୁଥିବାରୁ ସେନାପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି । ସ୍ଥିତିକୁ ଅନୁଧ୍ୟାନ କରାଯିବା ପରେ ପରବର୍ତ୍ତୀ ନିର୍ଦ୍ଦେଶନାମା ଜାରି କରାଯିବ ଦିଆଯିବ ବୋଲି ସେନା ପକ୍ଷରୁ କୁହାଯାଇଛି । ତେବେ ଏହି ସମୟ ମଧ୍ୟରେ ଆମ୍ବୁଲାନ୍ସ, ଅଗ୍ନିଶମ ବାହିନୀ, ସ୍ୱାସ୍ଥ୍ୟସେବା, ନିରାପତ୍ତା ଆଦି ଲାଗି ଉଦ୍ଦିଷ୍ଟ ଯାନବାହାନ ଗୁଡ଼ିକ ସ୍ୱାଭାବିକ ଭାବେ ଚଳାଚଳ କରିବ । ଏ ନେଇ ନିରାପତ୍ତା ଅଧିକାରୀଙ୍କ ସହ ସଂପୃକ୍ତ ବ୍ୟକ୍ତି କିମ୍ବା କାର୍ଯ୍ୟାଳୟ ପକ୍ଷରୁ ଯୋଗାଯୋଗ କରିପାରିବେ ।

ନେପାଳରେ ୩ ଦିନ ଧରି ଦେଖାଦେଇଥିବା ଅପ୍ରୀତିକର ପରିସ୍ଥିତିକୁ ଦୃଷ୍ଟିରେ ରଖି ସେନା ପକ୍ଷରୁ କଡ଼ା ନିରାପତ୍ତା ଜାରି ରହିଥିବାରୁ କାଠମାଣ୍ଡୁ ଉପତ୍ୟକାରେ ସ୍ଥିତିରେ ଉନ୍ନତି ଆସିଛି । ଏହି ଅବସରରେ ନେପାଳ ସେନା ପକ୍ଷରୁ କୌଣସି ଜରୁରୀ କାର୍ଯ୍ୟ ନଥିଲେ ଜନସାଧାରଣ ବାହାରକୁ ନ ବାହାରିବା ପାଇଁ ନେପାଳ ସେନା ପକ୍ଷରୁ ନିବେଦନ କରାଯାଇଛି ।

## ନେପାଳ-ଫ୍ଲାଇଟ୍

ନେପାଳରେ ସରକାର ବିରୋଧୀ ପ୍ରତିବାଦ ଯୋଗୁଁ କାଠମାଣ୍ଡୁ ବିମାନ ବନ୍ଦରକୁ ଅସ୍ଥାୟୀ ଭାବେ ବନ୍ଦର କରିଦିଆଯାଇଥିବାରୁ ଭାରତ ଗତକାଲିଠାରୁ ଏୟାର ଇଣ୍ଡିଆ ଓ ଇଣ୍ଡିଗୋ ସମେତ କେତେକ ଏୟାରଲାଇନ୍ସର ବିମାନ ଚଳାଚଳକୁ ବାତିଲ କରିଦେଇଛି । ନେପାଳ ଏୟାରଲାଇନ୍ସ ପକ୍ଷରୁ ମଧ୍ୟ ଦିଲ୍ଲୀକୁ ବିମାନ ଚଳାଚଳକୁ ବନ୍ଦ କରିଦିଆଯାଇଛି । ତେବେ ଏକ ସୂତ୍ରରୁ ଜଣାପଡ଼ିଛି ଯେ ଏୟାର ଇଣ୍ଡିଆର ଗୋଟିଏ ବିମାନ କାଠମାଣ୍ଡୁ ବିମାନ ବନ୍ଦରରେ ପହଞ୍ଚିବାକୁ ଯାଉଥିବା ବେଳେ ସେଠାରେ ଧୂଆଁ ଉଠୁଥିବା ଦେଖିବା ପରେ ଏହା ଦିଲ୍ଲୀକୁ ଫେରିଆସିଥିବା ଜଣାପଡ଼ିଛି । କାଠମାଣ୍ଡୁ ଅଭିମୁଖେ ଯାଉଥିବା ଅନ୍ୟ ଏକ ବିମାନ ଦିଲ୍ଲୀରୁ ଉଡ଼ାଣ ବେଳେ ତାହାର ଦିଗ ପରିବର୍ତ୍ତନ କରି ଲକ୍ଷ୍ନୌ ଯାଉଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ତାହା ଦିଲ୍ଲୀ ଫେରିଆସିଥିବା ଦେଖିବାକୁ ମିଳିଛି ।

ଉଲ୍ଲେଖଯୋଗ୍ୟ, ଏୟାରଇଣ୍ଡିଆ ପକ୍ଷରୁ ପ୍ରତ୍ୟହ ଦିଲ୍ଲୀରୁ କାଠମାଣ୍ଡୁକୁ ୬ଟି ବିମାନ ଚଳାଚଳ କରୁଥିବା ବେଳେ ଇଣ୍ଡିଗୋର ଗୋଟିଏ ବିମାନ କାଠମାଣ୍ଡୁ ଅଭିମୁଖେ ଯାଇଥାଏ ।

## ଆସାମ କ୍ୟାବିନେଟ୍

ପ୍ରବାସୀଙ୍କୁ ଆସାମରୁ ବହିଷ୍କାର କରିବା ସଂକ୍ରାନ୍ତ ଆଇନକୁ କଡ଼ାକଡ଼ି ଭାବେ କାର୍ଯ୍ୟ କରିବା ଲକ୍ଷ୍ୟ ନେଇ ଆସାମ କ୍ୟାବିନେଟ୍ ଗତକାଲି ଏକ

ମାର୍ଗଦର୍ଶିକା ଅନୁମୋଦନ କରିଛି । ବେଆଇନ ପ୍ରବାସୀଙ୍କୁ ଚିହ୍ନଟ ଏବଂ ଦେଶାନ୍ତର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାରେ ଏହି ମାର୍ଗଦର୍ଶିକା ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ । ମାର୍ଗଦର୍ଶିକା ଅନୁଯାୟୀ ଯେକୌଣସି ବିଦେଶୀ ନାଗରିକଙ୍କୁ ବହିଷ୍କାର କରିବା ଲାଗି ଜିଲ୍ଲା କମିଶନର କ୍ଷମତାପ୍ରାପ୍ତ ହେବେ । ସନ୍ଦିଗ୍ଧଙ୍କୁ ଜିଲ୍ଲା କମିଶନର ୧୦ ଦିନର ନୋଟିସ୍ ପ୍ରଦାନ କରିବେ । ଏହି ସମୟ ସୁଦ୍ଧା ନାଗରିକତ୍ୱ ପ୍ରମାଣ କରିନପାରିଲେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ବହିଷ୍କାର କରିବା ଲାଗି ଜିଲ୍ଲା କମିଶନର ନିର୍ଦ୍ଦେଶନାମା ଜାରି କରିବେ ।

ତେବେ ରାଜ୍ୟରେ ବେଆଇନ ପ୍ରବେଶର ୨୪ ଘଣ୍ଟା ମଧ୍ୟରେ ପ୍ରବାସୀଙ୍କୁ ଚିହ୍ନଟ କରିବା କ୍ଷେତ୍ରରେ କୌଣସି ନୋଟିସର ଆବଶ୍ୟକତା ପଡ଼ିବ ନାହିଁ ବୋଲି ମାର୍ଗଦର୍ଶିକାରେ ସ୍ପଷ୍ଟ କରାଯାଇଛି । ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି, ସୁପ୍ରିମକୋର୍ଟଙ୍କ ସାମ୍ବିଧାନିକ ଖଣ୍ଡପୀଠ ଆସାମରୁ ପ୍ରବାସୀଙ୍କୁ ବହିଷ୍କାର କରିବା ସଂକ୍ରାନ୍ତ ଆଇନକୁ ବ୍ୟବହାର କରିବା ଲାଗି ରାଜ୍ୟ ସରକାରଙ୍କୁ ଅନୁମତି ପ୍ରଦାନ କରିଛନ୍ତି ।

## ଆତ୍ମହତ୍ୟା ନିବାରଣ ଦିବସ

ଆତ୍ମହତ୍ୟା ପ୍ରବଣତାଠାରୁ ଲୋକଙ୍କୁ ଦୂରେଇରଖିବା ଲକ୍ଷ୍ୟ ନେଇ ଆଜି ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ ପାଳନ କରାଯାଉଛି । ପ୍ରତ୍ୟେକ ଆତ୍ମହତ୍ୟା ସାମାଜିକ, ଭାବପ୍ରବଣ ଏବଂ ଅର୍ଥନୈତିକ ପରିଣାମର ପ୍ରଭାବ ଭାବେ ବିବେଚନା କରାଯାଇଛି । ଚଳିତବର୍ଷର ବିଷୟବସ୍ତୁ ରହିଛି

**ଆତ୍ମହତ୍ୟା ଉପରେ ବର୍ଣ୍ଣନା ପରିବର୍ତନ କରିବା ।** ଗତବର୍ଷଠାରୁ ଆସନ୍ତାବର୍ଷ ପର୍ଯ୍ୟନ୍ତ ଏହି ପ୍ରସଙ୍ଗକୁ ଆଧାରକରି ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ -ହୁ ଏବଂ ଆନ୍ତର୍ଜାତୀୟ ଆତ୍ମହତ୍ୟା ନିବାରଣ ସଂଘ ପକ୍ଷରୁ ୩ବର୍ଷ ପାଇଁ ଅଭିଯାନ ଚାଲିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ୨୦୦୩ ମସିହାରୁ ଏହି ଦିବସ ପାଳନ କରାଯାଉଛି ।

## ଟ୍ରାଇ-ଅର୍ଡର

ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ -ଟ୍ରାଇ ପ୍ରସାରଣ ସେବା ପ୍ରଦାନକାରୀ ସମସ୍ତ ଅପରେଟରଙ୍କୁ ମାସିକ ଏବଂ ତ୍ରୈମାସିକ ଆଧାରରେ କାର୍ଯ୍ୟ ଦକ୍ଷତା ମନିଟରିଂ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛି। ଏଥିରେ ସମସ୍ତ ଡିଟିଏଚ୍ ଅପରେଟର, ବହୁ ବ୍ୟବସ୍ଥା ସଂପନ୍ନ ଅପରେଟର, ଇଣ୍ଟରନେଟ୍ ପ୍ରୋଟୋକଲ୍ ଟେଲିଭିଜନ ଅପରେଟର ଆଦି ଅନ୍ତର୍ଭୁକ୍ତ। ମନିଟରିଂ ରିପୋର୍ଟ ବ୍ୟବସ୍ଥାକୁ ଅଧିକ ପ୍ରଭାବଶାଳୀ କରିବା ଏବଂ ପ୍ରସାରଣ ସେବା ନେଇ ତଦାରଖକୁ ସୁନିଶ୍ଚିତ କରିବା ତଥା ସ୍ୱଚ୍ଛତାକୁ ପ୍ରୋତ୍ସାହନ ପ୍ରଦାନ କରିବା ଏହି ପଦକ୍ଷେପର ମୂଳ ଲକ୍ଷ୍ୟ ବୋଲି ଟେଲି ଯୋଗାଯୋଗ ମନ୍ତ୍ରଣାଳୟ କହିଛି । ଗ୍ରାହକଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବା ଏବଂ ପ୍ରସାରଣ ଓ କେବୁଲ୍ ଟିଭି ସେବା କ୍ଷେତ୍ରକୁ ଅଧିକ ସୁବ୍ୟବସ୍ଥିତ କରିବାରେ ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି ମନ୍ତ୍ରଣାଳୟ କହିଛି ।

# ଜେକେ-ଏସ୍ଏମ୍ ଭିଡି ଯାତ୍ରା ସସ୍ପେଣ୍ଡେଡ୍

ଜାମ୍ମୁ କାଶ୍ମୀରରେ ପ୍ରତିକୂଳ ପାଗ ଯୋଗୁଁ ଶ୍ରୀ ମାତା ବୈଷ୍ଣୋଦେବୀଙ୍କ ପୀଠକୁ ଯାତ୍ରା ଆଜି ମଧ୍ୟ ସ୍ଥଗିତ ରହିଛି । ଗତମାସ ୨୬ ତାରିଖରେ ସେହି ଅଞ୍ଚଳରେ ବାରମ୍ବାର ଭୂସ୍ଖଳନ ଯୋଗୁଁ କ୍ରମାଗତ ୧୫ ଦିନ ପାଇଁ ରିଆସି ଜିଲ୍ଲା ତ୍ରିକୂଟ ପରର୍ବତସ୍ଥିତ ମାତା ବୈଷ୍ଣୋଦେବୀଙ୍କ ପୀଠକୁ ଯାତ୍ରା ସ୍ଥଗିତ ରଖାଯାଇଛି । ଆମ ଜାମ୍ମୁ ସମ୍ବାଦଦାତା ଦେଇଥିବା ସୂଚନା ଅନୁଯାୟୀ କ୍ରମାଗତ ବର୍ଷା ଯୋଗୁଁ ଭୂସ୍ଖଳନ ଫଳରେ ମନ୍ଦିରକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ଫଳରେ ଶ୍ରଦ୍ଧାଳୁଙ୍କର ଯାତ୍ରା ଅସୁରକ୍ଷିତ ହୋଇପଡ଼ିଛି । ଏପରିକି ଜାମ୍ମୁ ଓ ଶ୍ରୀନଗର ରାଜପଥର ଅନେକ ସ୍ଥାନରେ ମଧ ଭୂସ୍ଖଳନ ଯୋଗୁ ଯାତାୟାତ ବାଧାପ୍ରାପ୍ତ ହୋଇଛି । ସଡ଼କ ଯୋଗାଯୋଗକୁ ସୁରକ୍ଷିତ ଏବଂ ପୁନଃ କାର୍ଯ୍ୟକ୍ଷମ କରିବା ଲାଗି ପ୍ରାଥମିକତା ଭିତ୍ତିରେ କାର୍ଯ୍ୟ ଚାଲିଥିବା ଜଣାପଡ଼ିଛି । ଅନୁକୂଳ ପାଗ ଏବଂ ସୁରକ୍ଷିତ ଯାତ୍ରାକୁ ସୁନିଶ୍ଚିତ କରିବା ପରେ ମାତା ବୈଷ୍ଣୋଦେବୀଙ୍କ ପାଠକୁ ଗମନାଗମନ ସୁଗମ କରିବା ଲାଗି ଅନୁମତି ପ୍ରଦାନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

# ପୋଲାଣ୍ଡ ଡ୍ରୋନ୍ ଆଟାକ୍

ପୋଲାଣ୍ଡ ସୀମାନ୍ତ ୟୁକ୍ରେନ୍‌ର କେତେକ ସହର ଉପରେ ରୁଷ୍ ଡ୍ରୋନ୍ ଆକ୍ରମଣ କରିବା ପରେ ପୋଲାଣ୍ଡ ତା'ର ୪ଟି ବିମାନ ବନ୍ଦରକୁ ବନ୍ଦ କରିଦେଇଛି । ପୋଲାଣ୍ଡ ସଶସ୍ତ୍ର ବାହିନୀ ପକ୍ଷରୁ ତା'ର ବାୟୁସୀମାକୁ ସୁରକ୍ଷିତ ରଖିବା ଲାଗି ସବୁ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଥିବା କହିଛି । ଏ ଦିଗରେ ପୋଲାଣ୍ଡ ଓ ନାଟୋର ଏୟାରକ୍ରାଫ୍ଟ ଗୁଡ଼ିକ ସୀମାନ୍ତ ଅଞ୍ଚଳରେ ଆଜି ସକାଳୁ ମୁତୟନ କରାଯାଇଥିବା ଦେଖିବାକୁ ମିଳିଛି ।

# କ୍ରିକେଟ୍

ଏସିଆ କପ୍ ପୁରୁଷ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ସପ୍ତଦଶ ସଂସ୍କରଣରେ ଆଜି ଭାରତ ତା'ର ଅଭିଯାନ ଆରମ୍ଭ କରିବ । ଦୁବାଇ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମଠାରେ ଆୟୋଜକ ସଂଯୁକ୍ତ ଆରବ ଏମିରେଟ୍‌ସ ସହିତ ଭାରତ ଆଜି ଟୁର୍ଣ୍ଣାମେଣ୍ଟରେ ତା'ର ପ୍ରଥମ ମ୍ୟାଚ୍ ଖେଳିବ । ଗତକାଲି ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚ୍‌ରେ ଆଫ୍‌ଗାନିସ୍ତାନ' ହଂକଂକୁ ୯୪ରନ୍‌ରେ ପରାସ୍ତ କରିଛି । ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଟାଇଟଲ ହାସଲ କରିବା ଲାଗି ୮ଟି ଦଳ ଅଂଶଗ୍ରହଣ କରୁଛନ୍ତି ।